# ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ



ଛତ୍ରପୁର, ୨୩।୭ (ସମିସ): ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟ ଓ କେରାଣ୍ଡିତୋଳା ନାରାୟଣପୁର ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଇକୋ କ୍ଲବର ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମଧୁମିତା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟର ସଭାପତି ଜୟନ୍ତ କିଶୋର ପାତ୍ର ଓ ସମ୍ପାଦକ ଏସ୍ ଦୁର୍ଗା ରାଓ, କ୍ଲବର ପ୍ରୋଜେକ୍ଟ ଡାଇରେକ୍ଟର ତଥା ପୂର୍ବତନ ସଭାପତି କାମରାଜୁ ମହାରଣା, ଗଦାଧର ରାଉଳ, ଅସିତ ଦତ୍ତ, ଲିଙ୍ଗରାଜ ନାୟକ ଯୋଗଦେଇ ବୃକ୍ଷରୋପଣ କରି ରାଜ୍ୟ ସରକାରଙ୍କ 'ମା ପାଇଁ ଗଛଟିଏ' ଡାକରାକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭାପତି ନରହରି ପ୍ରଧାନ, ମଞ୍ଚର ଉପଦେଷ୍ଟା ତଥା ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା ଉପସ୍ଥିତ ଥିଲେ। ଶିକ୍ଷକ ସୁନିଲ୍ କୁମାର ଶତପଥୀ, ସୁରେଶ କୁମାର ସାହୁ, ସୁଦାମ ଷଣ୍ଢ ଓ ରୁଫିନା ମଲ୍ଲିକ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ